## ଦି ଓରିଏଣ୍ଟ ପେପର ମିଲ୍ସ୍ ଲିମିଟେଡ୍

## ବନାମ

## ଓଡ଼ିଶା ରାଜ୍ୟ ଏବଂ ଅନ୍ୟମାନେ

## (ଏବଂ ସଂଯୁକ୍ତ ଆବେଦନ)

**(ଏସ୍. କେ. ଦାସ, ଜେ. ଏଲ୍. କପୁର, ଏମ୍. ହିଦାୟତୁଲ୍ଲା, ଜେ. ସି. ଶାହା ଏବଂ ଟି. ଏଲ୍. ଭେଙ୍କଟରାମା ଆୟାର୍, ନ୍ୟାୟମୂର୍ତ୍ତିମାନେ)**

*ବିକ୍ରୟ ଟିକସ - ରାଜ୍ୟ ବାହାରେ ବିକ୍ରୟ ଉପରେ ଲାଗୁ କରାଯାଇଥିବା ଟିକସ - ଫେରସ୍ତ, ଯଦି ବ୍ୟବସାୟୀ କିମ୍ବା କ୍ରେତାଙ୍କ ଦ୍ୱାରା ଦାବି କରାଯାଇପାରିବ – କରଦାତାଙ୍କ ମୌଳିକ ଅଧିକାର - ଯୁକ୍ତିଯୁକ୍ତ ପ୍ରତିବନ୍ଧକ-ଓଡ଼ିଶା ବିକ୍ରୟ ଟିକସ ଅଧିନିୟମ, 1947 (1947 ର XIV), ଉପଧାରା 9 ବି, ଖଣ୍ଡ (3), 14 - ଓଡ଼ିଶା ବିକ୍ରୟ ଟିକସ (ସଂଶୋଧନ) ଅଧିନିୟମ, 1958 (1958 ର 28), ଧାରା 14 ଏ- ଭାରତର ସମ୍ବିଧାନ, ଅନୁଚ୍ଛେଦ 19 (1) (ଏଫ) ।*

ଓଡ଼ିଶା ବିକ୍ରୟ ଟିକସ ଅଧିନିୟମ, 1947 ଅନୁଯାୟୀ ବ୍ୟବସାୟୀ ଭାବେ ପଞ୍ଜୀକୃତ ହୋଇଥିବା ଆବେଦନକାରୀମାନେ ଅନ୍ୟ ରାଜ୍ୟର ବ୍ୟବସାୟୀମାନଙ୍କୁ ବିକ୍ରୟ ସମେତ ସେମାନଙ୍କ ଦ୍ୱାରା ପରିଚାଳିତ ସମସ୍ତ ବିକ୍ରୟ ଉପରେ କ୍ରେତାମାନଙ୍କ ଠାରୁ ବିକ୍ରୟ ଟିକସ ଆଦାୟ କରୁଥିଲେ । ସେମାନଙ୍କୁ ଆକଳନ କରାଯାଇଥିଲା ଏବଂ ସେମାନଙ୍କ କାରବାର ଉପରେ ଟିକସ ପ୍ରଦାନ କରାଯାଇଥିଲା ଯେଉଁଥିରେ ଓଡ଼ିଶା ରାଜ୍ୟ ବାହାରେ ବିକ୍ରୟ ଅନ୍ତର୍ଭୁକ୍ତ ଥିଲା, କିନ୍ତୁ *ବମ୍ବେ ରାଜ୍ୟ ବନାମ ୟୁନାଇଟେଡ୍ ମୋଟର୍ସ (ଇଣ୍ଡିଆ) ଲିମିଟେଡ୍*, [1953] ଏସ୍. ସି. ଆର୍. 1069 ରେ ଏହି ନ୍ୟାୟାଳୟଙ୍କ ନିର୍ଣ୍ଣୟ ପରେ, ସେମାନେ ଅଧିନିୟମ ଧାରା 14 ଆଧାରରେ ସମ୍ବିଧାନର ଅନୁଚ୍ଛେଦ 286, ଖଣ୍ଡ (i)(a) ସଂଲଗ୍ନ ବ୍ୟାଖ୍ୟା ଅନୁଯାୟୀ ରାଜ୍ୟ ବାହାରେ ବିକ୍ରି କରାଯାଇଥିବା ସାମଗ୍ରୀ ଟିକସ ଯୋଗ୍ୟ ନଥିବାରୁ ଟିକସ ଫେରସ୍ତ ପାଇଁ ଆବେଦନ କରିଥିଲେ । ବିକ୍ରୟ ଟିକସ କର୍ତ୍ତୃପକ୍ଷ ଏବଂ ରାଜସ୍ୱ ପରିଷଦ ଦ୍ୱାରା ଫେରସ୍ତକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା । ରାଜସ୍ୱ ପର୍ଷଦର ଆଦେଶ ବିରୁଦ୍ଧରେ ଅବେଦନକାରୀମାନେ *ଉତପ୍ରେଷଣ ଏବଂ ପରମ ଆଜ୍ଞାଦେଶ* ବଳରେ ଆବେଦନ କରିଥିଲେ, ଯେଉଁଥିରେ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଧିଷ୍ଟ ଅବଧି ମଧ୍ୟରେ ଦେଇଥିବା ଟିକସ କୁ ଫେରସ୍ତ ପାଇଁ ଆଦେଶ ଦେଇଥିଲେ ଏବଂ ଅନ୍ୟ ଅବଧି ପାଇଁ ମନାକରିଦେଇଥିଲେ । ତେବେ ଓଡ଼ିଶା ବିକ୍ରୟ ଟିକସ ଅଧିନିୟମକୁ 1958 ମସିହାରେ ଧାରା 14-A କୁ ଅନ୍ତର୍ଭୁକ୍ତ କରି ପିଛିଲା ପ୍ରଭାବ ସହିତ ସଂଶୋଧନ କରାଯାଇଥିଲା ଯେଉଁଥିରେ ବ୍ୟବସ୍ଥା କରାଯାଇଥିଲା ଯେ ଫେରସ୍ତ କେବଳ ସେହି ବ୍ୟକ୍ତିଙ୍କ ଦ୍ୱାରା ଦାବି କରାଯାଇପାରିବ ଯାହାଙ୍କଠାରୁ ବ୍ୟବସାୟୀ ବିକ୍ରୟ-ଟିକସ କିମ୍ବା ଅନ୍ୟ ଉପାୟରେ ଅର୍ଥ ଆଦାୟ କରିଥିବେ ।

*ଏହା କୁହାଯାଇଥିଲା*, ଯେ ଓଡ଼ିଶା ବିକ୍ରୟ ଟିକସ (ସଂଶୋଧନ) ଅଧିନିୟମ, 1958ର ଧାରା 14-ଏ ଅନୁଯାୟୀ, ଯେଉଁ ଟିକସ ପ୍ରଦାନ ପାଇଁ ବ୍ୟବସାୟୀ 'ଦି ଓରିଏଣ୍ଟ' ଉତ୍ତରଦାୟୀ ନୁହେଁ, ତାହା ସେହି ବ୍ୟକ୍ତିଙ୍କ ଦ୍ୱାରା ଫେରସ୍ତ ଦାବି କରାଯାଇପାରିବ, ଯାହାଙ୍କ ଠାରୁ ବ୍ୟବସାୟୀ ପ୍ରକୃତରେ ଏହାକୁ ବିକ୍ରୟ ଟିକସ ଭାବରେ କିମ୍ବା ଅନ୍ୟଥା ଆଦାୟ କରିଥିଲା, ଏବଂ ବ୍ୟବସାୟୀଙ୍କ ଦ୍ୱାରା ନୁହେଁ।

ଅନୁଚିତ ଭାବେ ସଂଗ୍ରହ କରାଯାଇଥିବା ବିକ୍ରୟ ଟିକସକୁ ଫେରସ୍ତ ଦେବା ପାଇଁ ବ୍ୟବସ୍ଥାପିକା ଆଇନ ପ୍ରଣୟନ କରିବା ପାଇଁ ସକ୍ଷମ ଥିଲା; ଏହି ଘୋଷଣା କରିବାର କ୍ଷମତାକୁ ବାଦ ଦେବାର କୌଣସି କାରଣ ନାହିଁ ଯେ ଫେରସ୍ତ କେବଳ ସେହି ବ୍ୟକ୍ତିଙ୍କ ଦ୍ୱାରା ଦାବି କରାଯିବ ଯାହାଙ୍କ ଠାରୁ ବ୍ୟବସାୟୀ ଏହି ପରିମାଣକୁ ବିକ୍ରୟ-ଟିକସ ଭାବରେ କିମ୍ବା ଅନ୍ୟଭାବରେ ଆଦାୟ କରିଛନ୍ତି ।

ଏହି ଅଧିନିୟମ ଧାରା 9B ଖଣ୍ଡ 3 ଅନୁଯାୟୀ, ଯଦି ଟିକସଦାତାଙ୍କ ଦ୍ୱାରା ଆଦାୟ କରାଯାଇଥିବା ଅର୍ଥରାଶି ଟିକସ ଆକାରରେ ଦେୟ ହୋଇଥିବା ଅର୍ଥରାଶିଠାରୁ ଅଧିକ ହୋଇଥାଏ, ତେବେ ସେହି ଅର୍ଥରାଶି ସରକାରୀ କୋଷାଗାରରେ ଜମା କରାଯିବା ଆବଶ୍ୟକ ଏବଂ ଟିକସଦାତାଙ୍କ ଉପରେ ଏପରି କୌଣସି ଲାଭପ୍ରଦ ସୁଯୋଗ ରହିବ ନାହିଁ, ଯେ ଏହି ଅର୍ଥରାଶି କେବଳ ସେହି ବ୍ୟକ୍ତିମାନଙ୍କ ଦ୍ୱାରା ଦାବି କରାଯିବ, ଯେଉଁମାନେ ବିକ୍ରୟ-ଟିକସ ଆକାରରେ ବ୍ୟବସାୟୀମାନଙ୍କୁ ଏହି ଅର୍ଥରାଶି ପ୍ରଦାନ କରିଛନ୍ତି, ଯାହା ସାଧାରଣ ଜନତାଙ୍କ ସ୍ୱାର୍ଥରେ ଟିକସଦାତାଙ୍କ ଫେରସ୍ତ ପାଇବାର ଅଧିକାର ଉପରେ ଏକ ଯୁକ୍ତିଯୁକ୍ତ ପ୍ରତିବନ୍ଧକ ଅଟେ ଏବଂ ଏହା ସମ୍ବିଧାନର ଧାରା 19 (1) (f) ର ବ୍ୟବସ୍ଥାଗୁଡ଼ିକୁ ଉଲ୍ଲଙ୍ଘନ କରେ ନାହିଁ ।ଯଦି ଟିକସଦାତାମାନେ ସେମାନଙ୍କ ଦ୍ୱାରା ସଂଗ୍ରହ କରାଯାଇଥିବା ପରିମାଣକୁ ସରକାରୀ କୋଷାଗାରରେ ବିକ୍ରୟ ଟିକସ ଭାବେ ଜମା କରିବା ଲାଗି ସେମାନଙ୍କର ବୈଧାନିକ ଅନୁଗ୍ରହ ନିର୍ବାହ  କରନ୍ତି, ତେବେ ଯେଉଁ ବ୍ୟକ୍ତିମାନଙ୍କଠାରୁ ଟିକସ ଆଦାୟ କରାଯାଇଥାଏ, ସେମାନଙ୍କ ଦ୍ୱାରା ସେମାନେ ଫେରସ୍ତ ପାଇଁ କୌଣସି ଦାବି କରିବାର ସମ୍ମୁଖୀନ ହୋଇପାରିବେ ନାହିଁ, ଯଦିଓ ସେହି ବ୍ୟକ୍ତିମାନେ ପ୍ରଥମେ ଟିକସ ଦେବାକୁ ଉତ୍ତରଦାୟୀ ନଥିଲେ।

ଦେୱାନୀ ଆବେଦନ କ୍ଷେତ୍ରାଧିକାର:ଦେୱାନୀ ଆବେଦନ ସଂଖ୍ୟାମାନ 273 ରୁ 277 /1960 ।

ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଓ.ଜେ.ସି. ସଂଖ୍ୟାମାନ 184 ରୁ 188/1955 ରେ  ଫେବୃୟାରୀ 4, 1957 ମସିହାରେ ପ୍ରଦାନ କରଯାଇଥିବା ରାୟ ଏବଂ ଆଦେଶରୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ  ଡିସେମ୍ବର 15, 1958 ମସିହାର ଆଦେଶ ଦ୍ୱାରା ସ୍ୱତନ୍ତ୍ର ଅନୁମତି ପ୍ରଦାନ ପୂର୍ବକ ଏହି ଆବେଦନଗୁଡିକ  ।

*ଆବେଦନକାରୀଙ୍କ ପାଇଁ ଭାରତର ଅତିରିକ୍ତ ସଲିସିଟର ଜେନେରାଲ ଏଚ. ଏନ. ସାନ୍ୟାଲ ଏବଂ ବି. ପି. ମାହେଶ୍ୱରୀ* (ସି. ଏ. ସଂଖ୍ୟାମାନ  273 ଏବଂ 274/1960 ରେ ) ଏବଂ (ସି. ଏ. ସଂଖ୍ୟାମାନ 275-277/1960ରେ ) ଉତ୍ତରଦାତାମାନଙ୍କ ପାଇଁ ।

*ସି. କେ. ଡାଫ୍ଟାରୀ, ସଲିସିଟର୍-ଜେନେରାଲ୍ ଅଫ୍ ଇଣ୍ଡିଆ, ବି. ଆର୍. ଏଲ୍. ଆୟେଙ୍ଗର ଏବଂ ଟି. ଏମ୍. ସେନ୍, ଉତ୍ତରଦାତାମାନଙ୍କ ପାଇଁ* (ସି. ଏ. ସଂଖ୍ୟାମାନ 273 ଏବଂ 274/1960ରେ ) ଏବଂ ଆବେଦନକାରୀଙ୍କ ପାଇଁ (ସି. ଏ. ସଂଖ୍ୟାମାନ 275-277/1960 ରେ ) ।

1961 ମାର୍ଚ୍ଚ 24 । ଏହି ନ୍ୟାୟାଳୟର ରାୟ ନ୍ୟାୟମୂର୍ତ୍ତି ଶାହଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା - ଓରିଏଣ୍ଟ ପେପର ମିଲ୍ସ ଲିମିଟେଡ୍.,--ଏହାପରେ କର ଦାତା ଭାବେ କୁହାଯାଇଛି - ଯାହା ଏକ ପବ୍ଲିକ୍ ଲିମିଟେଡ୍ କମ୍ପାନୀ, ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ ଓଡ଼ିଶା ରାଜ୍ୟର ସମ୍ବଲପୁର ଜିଲ୍ଲାର ବ୍ରଜରାଜନଗରରେ ରହିଛି । କର ଦାତାମାନେ ହେଉଛନ୍ତି କାଗଜ ଏବଂ କାଗଜ-ବୋର୍ଡର ଉତ୍ପାଦନକାରୀ ଏବଂ ଓଡ଼ିଶା ବିକ୍ରୟ ଟିକସ ଅଧିନିୟମ 1947 ଅନୁଯାୟୀ ବ୍ୟବସାୟୀଭାବେ ପଞ୍ଜୀକୃତ ହୋଇଛନ୍ତି--ଯାହାକୁ ପରବର୍ତ୍ତୀ ସମୟରେ ଏହି ଅଧିନିୟମ ବୋଲି କୁହାଯାଏ । କର ଦାତାମାନେ ଅନ୍ୟ ରାଜ୍ୟର ବ୍ୟବସାୟୀମାନଙ୍କର ବିକ୍ରୟ ସମେତ ସେମାନଙ୍କ ଦ୍ୱାରା କରାଯାଉଥିବା ସମସ୍ତ ବିକ୍ରୟ ଉପରେ କ୍ରେତାମାନଙ୍କ ଠାରୁ ଟିକସ ସଂଗ୍ରହ କରୁଥିଲେ । ମାର୍ଚ୍ଚ 31,1950, ଜୁନ୍ 30,1950, ସେପ୍ଟେମ୍ବର 30,1950, ଡିସେମ୍ବର 31,1950 ଏବଂ ମାର୍ଚ୍ଚ 31,1951 ରେ ଶେଷ ହୋଇଥିବା ତ୍ରୟମାସିକ ପାଇଁ, କରଦାତାମାନେ ସେମାନଙ୍କ ଦ୍ୱାରା କରଯାଇଥିବା ଓଡ଼ିଶା ରାଜ୍ୟ ବାହାର ବିକ୍ରୟକୁ ଅନ୍ତର୍ଭୁକ୍ତକରି ଯାହା ସହକାରୀ ସଂଗ୍ରାହକଙ୍କ ଦ୍ୱାରା ମୂଲ୍ୟାଙ୍କନ କରାଯାଇଥିବା ବିକ୍ରୟ ଟିକସ ପ୍ରଦାନ କରିଥିଲେ ।

ଏହି ଅଦାଲତ *ବମ୍ବେ ରାଜ୍ୟ ଏବଂ ଅନ୍ୟ ଏକ ବନାମ ୟୁନାଇଟେଡ୍ ମୋଟର୍ସ (ଇଣ୍ଡିଆ) ଲିମିଟେଡ୍ ଏବଂ ଅନ୍ୟମାନେ*[1]*) ମାମଲାରେ ରାୟ ପ୍ରଦାନ କରିବା ପରେ କରଦାତା ମାନେ ଓଡ଼ିଶା* ରାଜ୍ୟ ବାହାରେ ବ୍ୟବହାର ପାଇଁ ପଠାଯାଇଥିବା ଦ୍ରବ୍ୟ ସମ୍ବନ୍ଧରେ ପ୍ରଦାନ କରାଯାଇଥିବା ଟିକସ ଫେରସ୍ତ ପାଇଁ ଅଧିନିୟମ ଧାରା 14 ଅଧୀନରେ ଏହିପରିଭାବରେ ଆବେଦନ କରିଥିଲେ ଯେ ଏହି ଆଇନ ଅନୁଯାୟୀ ଏହି ଅଦାଲତଙ୍କ ଦ୍ୱାରା ବ୍ୟାଖ୍ୟା କରାଯାଇଛି ଯେ ସମ୍ବିଧାନ ଅନୁଚ୍ଛେଦ 286(1)(a) ସଂଲଗ୍ନ ବ୍ୟାଖ୍ୟାର ପଠନ ରାଜ୍ୟ ବାହାର କାରବାର ଏହି ଅଧିନିୟମ ଅଧୀନରେ ଟିକସ ଯୁକ୍ତ ନଥିଲା । ସହକାରୀ ବିକ୍ରୟ ଟିକସ ଅଧିକାରୀଙ୍କ ଦ୍ୱାରା ଫେରସ୍ତ ପ୍ରତ୍ୟାଖ୍ୟାନ କରାଯାଇଥିଲା ଏବଂ ରାଜସ୍ୱ ପର୍ଷଦଙ୍କ ଦ୍ୱାରା ଏହି ଆଦେଶକୁ ନିଶ୍ଚିତ କରାଯାଇଥିଲା । ଟିକସ କର୍ତ୍ତୃପକ୍ଷଙ୍କ ଦୃଷ୍ଟିରେ, ପାଞ୍ଚଟି ଅବଧି ସମ୍ବନ୍ଧରେ ମୂଲ୍ୟାଙ୍କନ ଆଦେଶ ବିଭିନ୍ନ ତାରିଖରେ ଚୂଡ଼ାନ୍ତ ହୋଇଯାଇଥିଲା ଏବଂ କେବଳ କାରବାର ପାଇଁ ପ୍ରଯୁଜ୍ୟ ଆଇନ ଟିକସ କର୍ତ୍ତୃପକ୍ଷଙ୍କ ଦ୍ୱାରା ସଠିକ୍ ଭାବରେ ତର୍ଜମା କରାଯାଇନଥିବାର କାରଣ ପାଇଁ ପୁନର୍ବାର ଖୋଲିବାକୁ ବାଧ୍ୟ ନଥିଲେ । ରାଜସ୍ୱ ପରିଷଦର ଆଦେଶ ବିରୁଦ୍ଧରେ କରଦାତା ମାନଙ୍କ ଦ୍ୱାରା ଦାଖଲ ହୋଇଥିବା *ଉତପ୍ରେଷଣ ଏବଂ ପରମ ଆଜ୍ଞାଦେଶ* ଆବେଦନରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ କହିଛନ୍ତି ଯେ ଫେରସ୍ତ ପାଇଁ ଆବେଦନ କରିବା ଜଣେ ବ୍ୟବସାୟୀଙ୍କ ଅଧିକାର ଉପରେ ଏକମାତ୍ର ପ୍ରତିବନ୍ଧକ ଯାହା "ଅଧିନିୟମ 14 ର ଚତୁର୍କୋଣ ମଧ୍ୟରେ ଦେଖାଯାଏ" ଯାହା ସେହି ଧାରାରେ ବ୍ୟବସ୍ଥିତ ଥିବା ତମାଦି ନିୟମର ନିର୍ଦ୍ଧାରିତ ସମୟ ମଧ୍ୟରେ ହୋଇଥିବା ପ୍ରଶ୍ନଗତ ଆନ୍ତଃରାଜ୍ୟ କାରବାର ଟିକସ ଦେୟ ପାଇଁ ଦାୟୀ ନୁହେଁ, *ଅଦାୟ*

---

([1])[1953]S.C.R. 1069.

*ହୋଇଥିବା* ଟିକସକୁ ଦର୍ଶାଯାଇଥିବା ସମୟ ଅବଧି ଦ୍ୱାରା ଆଗତ ଆବେଦନରେ ଫେରସ୍ତ ଦବାକୁ ହବ | ଏହାପରେ ଉଚ୍ଚ ନ୍ୟାୟାଳୟ କହିଥିଲେ ଯେ ତମାଦି ପାଇଁ ପ୍ରଥମ ଦୁଇ ତ୍ରୈମାସିକ ପାଇଁ ଦେୟ ଟିକସ ଫେରସ୍ତ ହୋଇପାରିନଥିଲା କିନ୍ତୁ ଅବଶିଷ୍ଟ ତିନୋଟି ତ୍ରୈମାସ ପାଇଁ ଦେୟ ଟିକସ ଅଦାୟର ତମାଦି ନଥିଲା ଏବଂ ପରମାଦେଶ ବଳରେ ଏକ ଆଦେଶ ପାରିତ କରି ଶେଷ ତିନୋଟି ତ୍ରୈମାସ ପାଇଁ ଟିକସ ଫେରସ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଓଡ଼ିଶା ରାଜ୍ୟ ଏବଂ କରଦାତାମାନେ ଏହି ପାଞ୍ଚଟି ଆବେଦନ ଦ୍ୱାରା ଉଚ୍ଚ ନ୍ୟାୟାଳୟଙ୍କ ରାୟ ବିରୁଦ୍ଧରେ ସ୍ୱତନ୍ତ୍ର ଅନୁମତି ସହିତ ଆବେଦନ କରିଛନ୍ତି ।

ଓଡ଼ିଶା ରାଜ୍ୟ ପାଇଁ ଓକିଲ ଯୁକ୍ତି କରିଛନ୍ତି ଯେ କୌଣସି ଫେରସ୍ତ ମଞ୍ଜୁର କରାଯାଇପାରି ନାହିଁ କାରଣ ମୂଲ୍ୟାଙ୍କନ ଆଦେଶ ଚୂଡ଼ାନ୍ତ ହୋଇଯାଇଥିଲା ଏବଂ ଅଧିନିୟମର ଧାରା 14 କେବଳ ସେହି ମାମଲାରେ ଫେରସ୍ତ ପାଇଁ ଲାଗୁ ହୁଏ ଯେଉଁଥିରେ ଆବେଦନରେ କିମ୍ବା ପୁନଃରୀକ୍ଷଣରେ ଥିବା ଜଣେ ଉଚ୍ଚତର ଟିକସ କର୍ତ୍ତୃପକ୍ଷ ମୂଲ୍ୟାଙ୍କନ ଆଦେଶ ବିରୁଦ୍ଧରେ ନିର୍ଦ୍ଦେଶ କିମ୍ବା ଘୋଷଣା କରାଯାଇଥାଏ ଯେ ଟିକସ ସଠିକ୍ ଭାବରେ ସଂଗ୍ରହ କରାଯାଇ ନାହିଁ, ଏବଂ ଏହା ଚୂଡ଼ାନ୍ତ ହୋଇଥିବା ମୂଲ୍ୟାଙ୍କନ ମାମଲା ପାଇଁ ପ୍ରଯୁଜ୍ୟ ନୁହେଁ, ଯଦିଓ ଆଇନର ଭୁଲ ତର୍ଜମା କରାଯାଇଛି | ଟିକସ ଦାତାମାନେ ଉଚ୍ଚନ୍ୟାୟାଳୟଙ୍କ ମତକୁ ସମର୍ଥନ କରନ୍ତି ଯେ ଧାରା 14 ସମସ୍ତ ଫେରସ୍ତ ଦାବି ପାଇଁ ଲାଗୁହୁଏ ଏବଂ ଏହା ମଧ୍ୟ ଯୁକ୍ତି କରନ୍ତି ଯେ ପ୍ରଥମ ଦୁଇଟି ତ୍ରୈମାସ ପାଇଁ ପ୍ରଦାନ କରାଯାଇଥିବା ଟିକସ ଆଦାୟ ତମାଦି ଦ୍ୱାରା ବାରଣ ହୋଇନାହିଁ ।

ଏହି ଆବେଦନଗୁଡ଼ିକର ଉଦ୍ଦେଶ୍ୟ ପାଇଁ ପକ୍ଷଗୁଡ଼ିକର ସମ୍ପୃକ୍ତ ଯୁକ୍ତିକୁ ବିଚାର କରିବା ଅନାବଶ୍ୟକ । ଆମ ମତରେ ଓଡ଼ିଶା ବ୍ୟବସ୍ଥାପିକା ଦ୍ୱାରା ଅଧିନିୟମକୁ ପିଛିଲାଭାବେ ସଂଶୋଧନ କରାଯାଇଥିବା କାରଣରୁ ଟିକସ ଦାତାଙ୍କ ଦାବି ନିଶ୍ଚୟ ବିଫଳ ହେବ । ଓଡ଼ିଶା ବିକ୍ରୟ ଟିକସ (ସଂଶୋଧନ) ଅଧିନିୟମ, 1958 ର 28 ଦ୍ୱାରା ଅନ୍ତର୍ଭୁକ୍ତ ହୋଇଥିବା ଧାରା 14A ଦ୍ୱାରା ଏହା ପ୍ରଦାନ କରାଯାଇଥିଲା ଯେ :

"ଏହି ଅଧିନିୟମରେ ଯାହା କିଛି ଥାଉନା କାହିଁକି, ଯେଉଁଠାରେ ଧାରା 9B ର ଉପଧାରା (3) ଅନୁଯାୟୀ କୌଣସି ବ୍ୟକ୍ତିଙ୍କ ଦ୍ୱାରା କୌଣସି ରାଶି ଜମା କରାଯାଇଥାଏ କିମ୍ବା କୌଣସି ବ୍ୟବସାୟୀଙ୍କ ଦ୍ୱାରା ଟିକସ ଭାବରେ ପ୍ରଦାନ କରାଯାଇଥାଏ ଏବଂ ଯେଉଁଠାରେ ଏପରି ରାଶି କିମ୍ବା ଏହାର କୌଣସି ଅଂଶ ଏପରି ବ୍ୟକ୍ତି କିମ୍ବା ବ୍ୟବସାୟୀଙ୍କ ଦ୍ୱାରା ଦେୟଯୋଗ୍ୟ ନୁହେଁ, ତେବେ ଏପରି ରାଶି କିମ୍ବା ଏହାର କୌଣସି ଅଂଶର ଫେରସ୍ତ କେବଳ ସେହି ବ୍ୟକ୍ତିଙ୍କ ଦ୍ୱାରା ଦାବି କରାଯାଇପାରିବ ଯାହାଙ୍କ ଠାରୁ ଏପରି ବ୍ୟକ୍ତି କିମ୍ବା ବ୍ୟବସାୟୀ ପ୍ରକୃତରେ ବିକ୍ରୟ-ଟିକସ ମାଧ୍ୟମରେ କିମ୍ବା ଅନ୍ୟଥା ଏହିପରି ପରିମାଣ ଆଦାୟ କରିଛନ୍ତି ଏବଂ ଧାରା 14 ର ସର୍ତ୍ତାବଳୀରେ ପ୍ରଦାନ କରାଯାଇଥିବା ସୀମା ଅବଧି ଉପରୋକ୍ତ ଦାବି ଉପରେ ଲାଗୁ ହେବ ।"

ଏହି ଧାରାରେ କୁହାଯାଇଛି ଯେ ବ୍ୟବସାୟୀ ଯେଉଁ ଟିକସ ଦେବାକୁ ବାଧ୍ୟ ନୁହନ୍ତି, ସେହି ଟିକସ ଫେରସ୍ତ କେବଳ ସେହି ବ୍ୟକ୍ତିଙ୍କ ଦ୍ୱାରା ଦାବି କରାଯାଇପାରିବ, ଯାହାଙ୍କ ଠାରୁ ବ୍ୟବସାୟୀ ପ୍ରକୃତରେ ଏହାକୁ ଆଦାୟ କରିଛନ୍ତି, ତାହା

ବିକ୍ରୟ-ଟିକସ ଭାବେ ହେଉ କିମ୍ବା ଅନ୍ୟଥା । ତେଣୁ ଏହି ଧାରା  କରଦାତାମାନଙ୍କୁ  ଆଇନର ଏକ ତ୍ରୁଟି ଅଧୀନରେ ପ୍ରଦାନ କରାଯାଇଥିବା ଟିକସକୁ ସାଧାରଣ ନିୟମର ଫେରସ୍ତ ପାଇବାର ଦାବିରୁ  ବଞ୍ଚିତ କରିଥାଏ ଯାହା ଟିକସ କର୍ତ୍ତୃପକ୍ଷଙ୍କ ଦ୍ୱାରା ଆଦାୟଯୋଗ୍ୟ ଥିଲା । ଟିକସ ଦାତାଙ୍କ  ଓକିଲ ବିବାଦ କରନ୍ତି ନାହିଁ ଯେ ସଂଶୋଧନ ବ୍ୟବସ୍ଥା ଦ୍ୱାରା, ତାଙ୍କୁ ଟିକସ ଫେରସ୍ତ ପାଇବାର ଅଧିକାର, ରାଜ୍ୟ ବ୍ୟବସ୍ଥାପିକା ଦ୍ୱାରା ପ୍ରତ୍ୟାଖ୍ୟାନ କରାଯାଇଛି । ସେ ଯୁକ୍ତି କରିଛନ୍ତି ଯେ ଏହି ଅଧିନିୟମ ରାଜ୍ୟ ବ୍ୟବସ୍ଥାପିକାର କ୍ଷମତା ବାହାରେ ଏବଂଯେ କୌଣସି ପରିସ୍ଥିତିରେ, ଏହା ଅବୈଧ ଅଟେ କାରଣ ଏହା ସମ୍ବିଧାନର ଧାରା 19 (1) (f) ଅନୁଯାୟୀ ପ୍ରଦାନ କରାଯାଇଥିବା  ଟିକସଦାତାଙ୍କ ମୌଳିକ ଅଧିକାର ଉପରେ ଏକ ଅଯୌକ୍ତିକ ପ୍ରତିବନ୍ଧକ ଲଗାଇଥାଏ ।

ସମ୍ବିଧାନର ଅନୁସୂଚୀ 7 ର ଦ୍ୱିତୀୟ ତାଲିକାର ବିଷୟ 54 ଅନୁଯାୟୀ, ରାଜ୍ୟ ବ୍ୟବସ୍ଥାପିକା କାଗଜ ଏବଂ କାଗଜ-ବୋର୍ଡ ବିକ୍ରୟ କିମ୍ବା କ୍ରୟ ଉପରେ ଟିକସ ସମ୍ବନ୍ଧୀୟ  ଆଇନ ପ୍ରଣୟନ କରିବାକୁ ନିର୍ବିବାଦ ଭାବରେ ସକ୍ଷମ ଥିଲା । ଟିକସ ସମ୍ବନ୍ଧରେ ଆଇନ ପ୍ରଣୟନ କରିବାର କ୍ଷମତା, ଟିକସ ଲାଗୁ କରିବା, ଟିକସ ସଂଗ୍ରହ ପାଇଁ ସାଧନ ନିର୍ଦ୍ଧାରଣ କରିବା, ଯେଉଁ ଅଧିକାରୀମାନଙ୍କ ଦ୍ୱାରା ଦାୟିତ୍ୱ କାର୍ଯ୍ୟକାରୀ ହୋଇପାରିବ ସେମାନଙ୍କୁ ମନୋନୀତ କରିବା ଏବଂ ସେହି ଅଧିକାରୀମାନଙ୍କ କର୍ତ୍ତୃତ୍ୱ, ଦାୟିତ୍ୱ ଏବଂ କ୍ଷତିପୂରଣ ନିର୍ଦ୍ଧାରଣ କରିବାର କ୍ଷମତାକୁ ବୁଝାଇଥାଏ । ସମ୍ବିଧାନର ଅନୁସୂଚୀରେ ଥିବା ବିଭିନ୍ନ ପ୍ରକାରର ଆଇନ ପ୍ରଣୟନର ଶୀର୍ଷକ ବୈଧାନିକ କ୍ଷମତାର ପରିଧି ନିର୍ଦ୍ଧାରଣ କରନ୍ତି ଏବଂ ପ୍ରାଥମିକ ଆଲୋଚ୍ୟ ତଥ୍ୟର ଆନୁଷଙ୍ଗିକ କିମ୍ବା ସହାୟକ ପାଇଁ ଥିବା  ସମସ୍ତ ବିଷୟକୁ ଅନ୍ତର୍ଭୁକ୍ତ କରନ୍ତି । ତେଣୁ ଓଡ଼ିଶା ରାଜ୍ୟର ବିଧାନମଣ୍ଡଳ ଅନୁପଯୁକ୍ତ ଭାବରେ କିମ୍ବା ବେଆଇନ ଭାବରେ ସଂଗୃହିତ ଟିକସ ଫେରସ୍ତ ପ୍ରଦାନ କରିବାର ସହାୟକ କିମ୍ବା ଆନୁଷଙ୍ଗିକ ପ୍ରସଙ୍ଗରେ କ୍ଷମତା ପ୍ରୟୋଗ କରିବାକୁ ସକ୍ଷମ ଥିଲା, ଏବଂ ଏହି ଉଦ୍ଦେଶ୍ୟରେ ବ୍ୟବସ୍ଥାପିକାର କ୍ଷମତାକୁ  ଟିକସ ଦାତାଙ୍କ ଓକିଲଙ୍କ ଦ୍ୱାରା ଦର୍ଶାଯାଇନାହିଁ  । ଯଦି ଅନୁପଯୁକ୍ତ ଭାବେ ସଂଗ୍ରହ କରାଯାଇଥିବା ବିକ୍ରୟ-ଟିକସ ଫେରସ୍ତ ଦେବା ପାଇଁ ଆଇନ ପ୍ରଣୟନ କରିବାର କ୍ଷମତା ମଞ୍ଜୁର କରାଯାଏ, ତେବେ ଏହା ଘୋଷଣା କରିବାର କ୍ଷମତାକୁ ବାଦ ଦେବାର କୌଣସି କାରଣ ଅଛି କି ନା, ଫେରସ୍ତ କେବଳ ସେହି ବ୍ୟକ୍ତିଙ୍କ ଦ୍ୱାରା ଦାବି କରାଯିବ ଯାହାଙ୍କ ଠାରୁ ବ୍ୟବସାୟୀ  ପ୍ରକୃତରେ ବିକ୍ରୟ-ଟିକସ କିମ୍ବା ଅନ୍ୟ ଉପାୟରେ ଅର୍ଥ ଆଦାୟ କରିଛନ୍ତି ? ଆମେ କାହାକୁ ଦେଖୁନୁ । ଏହି ପ୍ରଶ୍ନଟି ହେଉଛି ବୈଧାନିକ ସାମର୍ଥ୍ୟର ଏକ ପ୍ରଶ୍ନ ଏବଂ ସେହି ଉଦ୍ଦେଶ୍ୟରେ ବ୍ୟବସ୍ଥାପିକାର କ୍ଷମତା ଉପରେ କୌଣସି ସ୍ପଷ୍ଟ କିମ୍ବା ନିହିତ ପ୍ରତିବନ୍ଧକ ନାହିଁ ।

ସମ୍ବିଧାନର ଧାରା 19 (1) (ଚ) ନାଗରିକମାନଙ୍କୁ ସମ୍ପତ୍ତି ଅର୍ଜନ, ଧାରଣ ଏବଂ ନିକାଶ କରିବାପାଇଁ  ସ୍ୱାଧୀନତାର ଅଧିକାର ପ୍ରଦାନ କରିଥାଏ; କିନ୍ତୁ ଖଣ୍ଡ (5)ରେ  ସଠିକ ଭାବେ କୁହାଯାଇଛି ଯେ କୌଣସି ବିଦ୍ୟମାନ କିମ୍ବା ସମ୍ଭାବ୍ୟ ଆଇନର କାର୍ଯ୍ୟକାରିତା ପାଇଁ, ଯେତେଦୂର ପର୍ଯ୍ୟନ୍ତ ଏହା ସାଧାରଣ ଜନତାଙ୍କ ସ୍ୱାର୍ଥରେ ସେହି ଅଧିକାରର ପ୍ରୟୋଗ ଉପରେ ଯୁକ୍ତିଯୁକ୍ତ ପ୍ରତିବନ୍ଧକ ଲଗାଇଥାଏ । ଯଦି ଏହା ଧରାଯାଏ ଯେ ଟିକସ ଫେରସ୍ତ କେବଳ ସେହି କ୍ରେତାମାନଙ୍କୁ ଦିଆଯିବ ଯେଉଁମାନଙ୍କଠାରୁ ବ୍ୟବସାୟୀମାନେ ଟିକସ ସଂଗ୍ରହ କରିଛନ୍ତି ଏବଂ ଯେଉଁ ବ୍ୟବସାୟୀମାନେ ଟିକସ ପ୍ରଦାନ

କରିଛନ୍ତି ସେମାନଙ୍କୁ ନୁହେଁ, ତେବେ ଧାରା 19 (1) (f) ଅନୁଯାୟୀ ଥିବା ମୌଳିକ ଅଧିକାରକୁ ସୀମିତ ରଖାଯାଇଛି , ତେବେ ଆମେ ଏହା ସ୍ଥିର କରିବାରେ ଅସମର୍ଥ ଯେ ଏହି ଅଧିନିୟମ ଧାରା 14A ସାଧାରଣ ଜନତାଙ୍କ ସ୍ୱାର୍ଥରେ ନୁହେଁ । ଅଧିନିୟମ 9B(1) ଅନୁଯାୟୀ ବ୍ୟବସ୍ଥାପିକା ପଞ୍ଜୀକୃତ ବ୍ୟବସାୟୀମାନଙ୍କୁ କ୍ରେତାମାନଙ୍କ ଠାରୁ ଟିକସ ଆଦାୟ କରିବା ପାଇଁ କ୍ଷମତା ପ୍ରଦାନ କରିଛି, ଯାହା ସେମାନଙ୍କୁ ସେମାନଙ୍କ ମୋଟ କାରବାର ଉପରେ ଦେବାକୁ ପଡ଼ିପାରେ । ତେଣୁ ଟିକସ ଦାତାଙ୍କ ଦ୍ୱାରା ସଂଗୃହିତ ରାଶି ମୁଖ୍ୟତଃ ଟିକସ ଦାତାଙ୍କର ନଥିଲା ବରଂ କ୍ରେତାମାନଙ୍କ ଥିଲା । ଟିକସ ଦେୟଯୋଗ୍ୟ ଥିଲା ବୋଲି ଏକ ଭୁଲ ଅନୁମାନରେ, ଟିକସଦାତାଙ୍କ ଦ୍ୱାରା ଟିକସ ସଂଗ୍ରହ କରାଯାଇଥିଲା ଏବଂ ରାଜ୍ୟକୁ ପ୍ରଦାନ କରାଯାଇଥିଲା । ଏହି ଅଧିନିୟମର ଧାରା 9B, ଖଣ୍ଡ (3) ଅଧୀନରେ, କୌଣସି ଦ୍ରବ୍ୟର ବିକ୍ରୟ ଉପରେ ଟିକସ ଭାବରେ କୌଣସି ବ୍ୟକ୍ତିଙ୍କ ଦ୍ୱାରା ଆଦାୟ କରାଯାଇଥିବା ରାଶି, ଅଧିନିୟମର ଅନ୍ୟ କୌଣସି ବ୍ୟବସ୍ଥାରେ ଯାହା କିଛି ଥିବା ସତ୍ତ୍ୱେ, ତାଙ୍କ ଦ୍ୱାରା ନିର୍ଦ୍ଧାରିତ ଅବଧି ମଧ୍ୟରେ ସରକାରୀ କୋଷାଗାରରେ ଜମା କରାଯିବ, ଯଦି ସେପରି ଆଦାୟ ହୋଇଥିବା ରାଶି ସେହି ବିକ୍ରୟ ସମ୍ବନ୍ଧରେ ଟିକସ ଭାବରେ ଦେୟ ରାଶିଠାରୁ ଅଧିକ ହୋଇଥାଏ କିମ୍ବା ଯଦି ସେ ସମ୍ପର୍କରେ କୌଣସି ଟିକସ ଦେୟ ହୋଇନଥାଏ । ଯେହେତୁ କ୍ରେତାମାନଙ୍କ ଠାରୁ ବିକ୍ରୟ ସମ୍ବନ୍ଧରେ ଟିକସ ଦାତାଙ୍କ ଦ୍ୱାରା ଆଦାୟ କରାଯାଇଥିବା ଟିକସ ଗ୍ରହଣୀୟ ନଥିଲା, ତେଣୁ ଏହାକୁ ରାଜ୍ୟ ନିକଟରେ ଜମା କରିବା ପାଇଁ ଏକ ବୈଧାନିକ ଅନୁଗ୍ରହ ସୃଷ୍ଟି ହୋଇଥିଲା ଏବଂ ମୂଲ୍ୟାଙ୍କନ ଅଧୀନରେ ସେହି ଟିକସ ପ୍ରଦାନ କରି, ଟିକସ ଦାତାମାନେ ଏହି ଆବଶ୍ୟକତାକୁ ପାଳନ କରିଛନ୍ତି ବୋଲି ବିବେଚନା କରାଯିବା ଆବଶ୍ୟକ । କିନ୍ତୁ ଟିକସ ପରିମାଣ ଅଧିନିୟମ 9B ଅଧୀନରେ ଓଡ଼ିଶା ସରକାରଙ୍କ ପାଖରେ ଜମା ରହିଥିଲା । ଯଦି ସେହି ପରିମାଣଗୁଡ଼ିକ ଉପରେ କୌଣସି ଲାଭପ୍ରଦ ସୁଯୋଗ ନଥିବା ଟିକସଦାତାମାନଙ୍କୁ ଟିକସ ସଂଗ୍ରହରୁ ଲାଭ ଅର୍ଜନରୁ ନିବୃତ୍ତ କରିବା ଉଦ୍ଦେଶ୍ୟରେ, ବ୍ୟବସ୍ଥାପିକା ତାହାକୁ କାର୍ଯ୍ୟକାରୀ କରେ ଯେ ଏହିପରି ଜମା ହୋଇଥିବା ପରିମାଣ କେବଳ ସେହି ବ୍ୟକ୍ତିମାନଙ୍କ ଦ୍ୱାରା ଦାବି କରାଯିବ ଯେଉଁମାନେ ବ୍ୟବସାୟୀ ମାନଙ୍କୁ ରାଶି ପ୍ରଦାନ କରିଥିଲେ ଏବଂ ବ୍ୟବସାୟୀଙ୍କ ଦ୍ୱାରା ନୁହେଁ, ତେବେ ଏହା ନିଶ୍ଚିତ ଭାବରେ କୁହାଯିବ ଯେ ଫେରସ୍ତ ପାଇବା ପାଇଁ ଟିକସଦାତାମାନଙ୍କ ଅଧିକାର ଉପରେ ପ୍ରତିବନ୍ଧକ ସାଧାରଣ ଜନତାଙ୍କ ସ୍ୱାର୍ଥରେ ଆଇନଗତ ଭାବରେ ସୀମିତ ଥିଲା ।

ଟିକସ ଦାତାଙ୍କ ଓକିଲ ଯୁକ୍ତି ବାଢ଼ିଥିଲେ ଯେ ସେମାନେ ଭୟଭୀତ ଅବସ୍ଥାରେ ଟିକସ ଆକାରରେ ସଂଗୃହିତ ଅର୍ଥକୁ ରାଜ୍ୟ ସରକାରଙ୍କୁ ଜମା କରିବା କିମ୍ବା ପ୍ରଦାନ କରିବା ପରେ ମଧ ପରିଶୋଧ କରିବାକୁ ବାଧ ହୋଇଥିଲେ, ଏବଂ ଏକ ବୈଧାନିକ ବ୍ୟବସ୍ଥା ଯାହା ସେମାନଙ୍କୁ ଫେରସ୍ତ ଦାବି କରିବାର ଅଧିକାରରୁ ବଞ୍ଚିତ କରିଥାଏ, ତାହା ଏକ ଅଯୌକ୍ତିକ ପ୍ରତିବନ୍ଧକ ଅଟେ, କାରଣ ସେମାନେ କ୍ରେତାମାନଙ୍କୁ ଏହି ଅର୍ଥ ପ୍ରଦାନ କରିବାକୁ ବାଧ, କିନ୍ତୁ ଯେଉଁ ରାଜ୍ୟ ଏହି ଅର୍ଥ ବହନ କରୁଛି, ସେହି ରାଜ୍ୟର ସହାୟତା ନେଇ ସେମାନେ ନିଜକୁ ପରିଶୋଧ କରିପାରିବେ ନାହିଁ । କିନ୍ତୁ ଧାରା 9B ଅନୁଯାୟୀ, କ୍ରେତାମାନଙ୍କ ଠାରୁ ଆଇନଗତ ଭାବେ ଆଦାୟଯୋଗ୍ୟ ପରିମାଣରୁ ଅଧିକ ଅର୍ଥ ଟିକସ ଆକାରରେ ଜମା କରିବା ପାଇଁ ଟିକସଦାତାମାନେ ଦାୟୀ ଥିଲେ । ଯେତେବେଳେ ମୂଲ୍ୟାଙ୍କନ ଆଦେଶ ଅନୁଯାୟୀ ସେମାନେ ରାଜ୍ୟକୁ ରାଶି ପ୍ରଦାନ କରିଥିଲେ, ଧାରା 9B ର ଆବଶ୍ୟକତାଗୁଡ଼ିକର ଅନୁପାଳନ କରାଯାଇଥିଲା ଏବଂ ଏହି ରାଶି ରାଜ୍ୟ ପାଖରେ ଜମା ରହିଥିଲା, ଯଦି ନିର୍ଦ୍ଧାରିତ ଅବଧି ମଧ୍ୟରେ କୌଣସି ଦାବି କରାଯାଇଥିଲା, ତେବେ ଯେଉଁ ବ୍ୟକ୍ତିଙ୍କଠାରୁ ଟିକସ ଦାତା

ଏହାକୁ ଆଦାୟ କରିଥିଲେ ସେମାନଙ୍କୁ ଏହାକୁ ପୁନରୁଦ୍ଧାର କରିବାକୁ ବାଧ୍ୟ | ଆମେ ଭାବୁନାହୁଁ ଯେ ଯଦି ସେମାନେ ସେମାନଙ୍କ ଦ୍ଵାରା ଆଦାୟ ବୈଧାନିକ ଦାୟିତ୍ଵ ନିର୍ବାହ ପାଇଁ ଏହାକୁ ରାଜ୍ୟ ନିକଟରେ ଜମା କରିଛନ୍ତି, ତେବେ କ୍ରେତାମାନଙ୍କ ଦ୍ଵାରା ଆଦାୟ କରାଯାଇଥିବା ଟିକସ ଫେରସ୍ତ କରିବା ଲାଗି ସେମାନଙ୍କ ଅନୁରୋଧ କ୍ରମେ ଟିକସଦାତାମାନେ କୌଣସି ପ୍ରବର୍ତ୍ତନୀୟ ଦାବିର ସମ୍ମୁଖୀନ ହେବେ ବୋଲି ଧରିବାର କୌଣସି କାରଣ ନାହିଁ l

ତେଣୁ ଆବେଦନ ସଂଖ୍ୟାମାନ 273 ଏବଂ 274 /1960କୁ  ଖାରଜ କରାଯିବ ଏବଂ ଆବେଦନ ସଂଖ୍ୟାମାନ 275 ରୁ 277/1960 କୁ ଅନୁମତି ଦିଆଯିବ l ଯେହେତୁ ରାଜ୍ୟ, ଉଚ୍ଚ ନ୍ୟାୟାଳୟଙ୍କ ଦ୍ଵାରା ରାୟ ଶୁଣାଯିବା ପରେ ପ୍ରଣୀତ ଏକ ବିଧାନ ଉପରେ ନିର୍ଭର କରିବାରେ ସଫଳ ହୋଇଛି, ଆମେ ନିର୍ଦ୍ଦେଶ ଦେଉଛୁ ଯେ ଏହି ନ୍ୟାୟାଳୟରେ ଆବେଦନ ବାବଦକୁ କୌଣସି  ଖର୍ଚ୍ଚ ଆଦେଶ ରହିବ ନାହିଁ l

*ଆବେଦନ ସଂଖ୍ୟାମାନ 273 ଏବଂ 274/1960 କୁ  ଖାରଜ କରାଗଲା l*

*ଆବେଦନ ସଂଖ୍ୟାମାନ 275 ରୁ 277/1960 କୁ ଅନୁମତି ପ୍ରଦାନ କରାଗଲା l*

**ଅସ୍ଵୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ | ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ |"

**TRANSLATED BY:**
***JATADHARI SETHI,* Translator**
**High Court of Orissa, Cuttack.**